# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ପ୍ରାଦେଶିକ ମେଧା ପରୀକ୍ଷା ୨୦୨୩-୨୪

## ଶ୍ରେଣୀ - ଦ୍ବିତୀୟ

**ସମୟ - ୨ ଘଣ୍ଟା** | **ପ୍ରଥମ ପତ୍ର** | **ପୂର୍ଣ୍ଣସଂଖ୍ୟା - ୧୦୦**

## ପରୀକ୍ଷାର୍ଥୀଙ୍କ ପାଇଁ ସୂଚନା

**ପ୍ରଥମେ ନିମ୍ନ ସୂଚନାଗୁଡ଼ିକ ଭଲ ଭାବରେ ପଢ଼ ଓ ତା'ପରେ ଉତ୍ତର ଲେଖିବାକୁ ଆରମ୍ଭ କର ।**

୧. କେବଳ ନିର୍ଦ୍ଧାରିତ ସ୍ଥାନରେ ନିଜର ରୋଲ୍ ନମ୍ବର ଲେଖ ।

୨. ବିଭିନ୍ନ ବିଷୟରେ ଦିଆଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ହେବ ।

୩. ପ୍ରଥମେ ପ୍ରଶ୍ନଗୁଡ଼ିକ ଭଲ ଭାବରେ ପଢ଼ ଓ ତା'ପରେ ଠିକ୍ ଉତ୍ତର ବାଛି ଉତ୍ତରଫର୍ଦ୍ଦ (OMR)ରେ ସଂପୃକ୍ତ ବୃତ୍ତଟିକୁ କଳା / ନୀଳ ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ କଳା ବା ନୀଳ କର । କେବଳ ଗୋଟିଏ ବୃତ୍ତକୁ କଳା/ ନୀଳ କର । ଦୁଇ ବା ତତୋଽଧିକ ଉତ୍ତର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୪. ପ୍ରଶ୍ନପତ୍ର ପୁସ୍ତିକାରେ ଥିବା ପୃଷ୍ଠା ସଂଖ୍ୟା ଓ ପ୍ରଶ୍ନ ସଂଖ୍ୟା ଭଲ ଭାବରେ ମିଳାଇ ନିଅ ।

୫. ଉତ୍ତରଫର୍ଦ୍ଦ (OMR) ରେ କୌଣସି ଦାଗ ବା ଚିରା ଫଟାଥିଲେ ତତ୍‌କ୍ଷଣାତ୍ କକ୍ଷ ନିରୀକ୍ଷକଙ୍କୁ ଫେରାଇ ଆଉ ଗୋଟିଏ ଠିକ୍ ଉତ୍ତରଫର୍ଦ୍ଦ (OMR) ମାଗି ନିଅ ।

୬. ରଫ୍ କାର୍ଯ୍ୟ କରିବା ପାଇଁ ଗଣିତ ଓ ପ୍ରତ୍ୟୁତ୍ପନ୍ନମତିତ୍ୱ ପ୍ରଶ୍ନର ଡାହାଣ ପଟେ ସ୍ଥାନ ରଖା ଯାଇଅଛି । ପ୍ରତ୍ୟେକ ପ୍ରଶ୍ନର ଡାହାଣରେ ସେହି ପ୍ରଶ୍ନ ପାଇଁ ରଫ୍ କର । ଯଦି ଜାଗା ନ ହୁଏ, ତେବେ ପଛପଟେ ରଫ୍ ଲେଖାଥିବା ପୃଷ୍ଠାକୁ ବ୍ୟବହାର କରିପାର । କିନ୍ତୁ ଅଲଗା କାଗଜରେ ରଫ୍ କର ନାହିଁ ।

୭. ତୁମ ପ୍ରବେଶ ପତ୍ରରେ ଦିଆଯାଇଥିବା ନିୟମ ପାଳନ କରିବ ।

୮. ପରୀକ୍ଷା ଦେବା ସମୟରେ କୌଣସି ଅସୁବିଧା ଅନୁଭବ କଲେ, ତୁମ କକ୍ଷର ପର୍ଯ୍ୟବେକ୍ଷକଙ୍କୁ ଜଣାଇବ ।

୯. ପରୀକ୍ଷା ଶେଷ ହେବା ପୂର୍ବରୁ ପରୀକ୍ଷାର୍ଥୀ ପରୀକ୍ଷା ଗୃହ ଛାଡ଼ି ପାରିବେ ନାହିଁ । ପରୀକ୍ଷା ଶେଷରେ ଉତ୍ତରଫର୍ଦ୍ଦ (OMR) ଟି କକ୍ଷ ନିରୀକ୍ଷକଙ୍କୁ ହସ୍ତାନ୍ତର କରି ପରୀକ୍ଷା ଗୃହ ଛାଡ଼ିବେ ।

**OMR ପୂରଣ କରିବା ପ୍ରଣାଳୀ**

| ଠିକ୍ ପ୍ରଣାଳୀ | ଭୁଲ ପ୍ରଣାଳୀ |
|---|---|
| ○ ○ ● ○ | ⊘ ⊠ ◓ ▨ ⊙ |

**ଗଣିତ ଓ ଜ୍ୟାମିତି** | **ତୃତୀୟ** | **ପୂର୍ଣ୍ଣାଙ୍କ - ୩୦**

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରଫର୍ଦ୍ଦ (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲପଏଣ୍ଟ କଲମରେ ନୀଳ / କଳା କର ।** $2 \times 15 = 30$

୧. କେତେ ବର୍ଷରେ ଥରେ ଅଧିବର୍ଷ ପଡ଼େ ? କେଉଁ ମସିହାଟି ଅଧିବର୍ଷ ?

(A) ୪ ବର୍ଷରେ, ୨୦୨୪ (B) ୨ ବର୍ଷରେ ୨୦୨୩

(C) ୬ ବର୍ଷରେ, ୨୦୨୪ (D) ୬ ବର୍ଷରେ ୨୦୨୨

୨. ୮୪୨୮ ସଂଖ୍ୟାରେ ଦୁଇଟି ଆଠ ମଧ୍ୟରେ ଅନ୍ତର କେତେ ?

(A) ୮୦୦୨ (B) ୭୦୦୨

(C) ୭୯୯୨ (D) ୮୯୯୨

୩. ଦୁଇଟି ଅଯୁଗ୍ମ ଓ ଗୋଟିଏ ଯୁଗ୍ମ ସଂଖ୍ୟାର ସମଷ୍ଟି କ'ଣ ହେବ ?

(A) ଶୂନ (B) ଏକ (C) ଅଯୁଗ୍ମ (D) ଯୁଗ୍ମ

୪. ସ୍ୱାମୀ ଭାରତୀକୃଷ୍ଣ ତୀର୍ଥ ମହାରାଜଙ୍କ ତିରୋଧାନ କେବେ ହୋଇଥିଲା ?

(A) ୧୪ ମାର୍ଚ୍ଚ ୧୮୮୪

(B) ୦୨ ଫେବୃଆରୀ ୧୯୬୦

(C) ୦୨ ଫେବୃଆରୀ ୧୯୯୯

(D) ୧ ମାର୍ଚ୍ଚ ୧୯୬୦

୫. ୬୮୯ ସଂଖ୍ୟାରେ ନିଖିଳ ଅଂଶ କିଏ କିଏ ?

(A) ୮ ଓ ୯ (B) ୬ ଓ ୯ (C) ୬ ଓ ୮ (D) ୧ ଓ ୯

୬. ୩ରେ $\frac{୧}{୬}$ କେତୋଟି ଅଛି ?

(A) ୨୧ଟି (B) ୩ଟି (C) ୭ଟି (D) ୧୮ଟି

୭. ୫୪ ସହ ଆଉ ଦୁଇଥର ୫୪ ଯୋଗକଲେ ଯୋଗଫଳ ୯ର କେତେ ଗୁଣ ହେବ ?

(A) ୬ (B) ୧୨ (C) ୯ (D) ୧୮

୮. ପୁଅକୁ ୩ ବର୍ଷ ବେଳେ ବାପାଙ୍କୁ ୩୦ ବର୍ଷ ହୋଇଥିଲା । ପୁଅକୁ କେତେ ବର୍ଷ ହେଲେ ବାପାଙ୍କ ବୟସ ପୁଅ ବୟସର ୪ ଗୁଣ ହେବ ?

(A) ୯ ବର୍ଷ (B) ୬ ବର୍ଷ (C) ୩ ବର୍ଷ (D) ୧୨ ବର୍ଷ

**ରଫ୍**

https://ssvmkalamachhuin.in/

ରଫ୍

୯. ମିତାକୁ ଗୋଟିଏ ସଂଖ୍ୟାକୁ ୪ ଦ୍ୱାରା ଗୁଣନ କରିବାକୁ କୁହାଗଲା। ମାତ୍ର ସେ ସଂଖ୍ୟାକୁ ୪ ଦ୍ୱାରା ଭାଗ କରି ଉତ୍ତର ଲେଖିଦେଲା। ଯଦି ସେ ପ୍ରକୃତ ଉତ୍ତର ଠାରୁ ୧୩୫ କମ୍ ଲେଖିଥାଏ, ତେବେ ମୂଳ ସଂଖ୍ୟାଟି କେତେ ?

(A) ୭୨ (B) ୩୬ (C) ୬୩ (D) ୨୭

୧୦. ଗୋଟିଏ ଆୟତଘନର ଶୀର୍ଷ + ପାର୍ଶ୍ୱ - ଧାର = କେତେ ?

(A) ୧ (B) ୪ (C) ୨ (D) ୩

୧୧. ଯେଉଁ ଘନବସ୍ତୁର ପ୍ରତ୍ୟେକ ପାର୍ଶ୍ୱ ସମତଳ ନୁହେଁ ତାହାକୁ କ'ଣ କୁହାଯାଏ ?

(A) ଅଣ ବହୁଫଳକ (B) ବହୁଫଳକ

(C) ପାର୍ଶ୍ୱଥିବା ଘନବସ୍ତୁ (D) ସମତଳ ଘନବସ୍ତୁ

୧୨. ଆୟତଚିତ୍ରର ପ୍ରସ୍ଥ = (________ ÷ ୨) - ଦୈର୍ଘ୍ୟ

(A) ସମପ୍ରସ୍ଥ (B) ଧାରସଂଖ୍ୟା

(C) କ୍ଷେତ୍ରଫଳ (D) ପରିସୀମା

୧୩. ୧ ସେକେଣ୍ଡ୍ = କେତେ ଘଣ୍ଟା ?

(A) ୩୬୦୦ ଘଣ୍ଟା (B) $\frac{୧}{୩୬୦୦}$ ଘଣ୍ଟା

(C) ୨୪ ଘଣ୍ଟା (D) $\frac{୧}{୨୪}$ ଘଣ୍ଟା

୧୪. ଜଣେ ଗୁଆ ବେପାରୀ ଗୋଟିଏ ଗଛରୁ ୩୦ ପୁଞ୍ଜା ଗୁଆ, ଅନ୍ୟ ଏକ ଗଛରୁ ୧$\frac{୧}{୨}$ କାହାଣ ଗୁଆ ତୋଳିଲେ। ମୋଟ ଦୁଇଟି ଗଛରୁ କେତେ ପଣ ଗୁଆ ତୋଳିଥିଲେ ?

(A) ୨୩$\frac{୧}{୨}$ ପଣ (B) ୨୪$\frac{୧}{୨}$ ପଣ

(C) ୨୫$\frac{୧}{୨}$ ପଣ (D) ୨୬$\frac{୧}{୨}$ ପଣ

୧୫. ୪ବର୍ଗ ଜରିବ = କେତେ ଗୁଣ୍ଠ ?

(A) ୧୦ ଗୁଣ୍ଠ (B) ୧୨ ଗୁଣ୍ଠ

(C) ୯ ଗୁଣ୍ଠ (D) ୧୧ ଗୁଣ୍ଠ

https://ssvmkalamachhuin.in/

**ବିଜ୍ଞାନ** **ଦ୍ୱିତୀୟ** **ପୂର୍ଣ୍ଣାଙ୍କ - ୩୦**

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରପର୍ଦ୍ଦ (OMR Sheet)ରେ ଥିବା ଗୋଲାକାର ଅଂଶକୁ ବଲ ପଏଣ୍ଟ କଲମରେ କଳା/ନୀଳ କର ।** ୨ X ୧୫ = ୩୦

୧୬. ଏମାନଙ୍କ ମଧ୍ୟରୁ କିଏ ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ ?
(A) ଜିଆ, ଜୋକ (B) ତେଲୁଣିପୋକ (C) ଲାଜକୁଳି ପତ୍ର, ଚାକୁଣ୍ଡା ପତ୍ର (D) ସାଇକେଲ

୧୭. ଏମାନଙ୍କ ମଧ୍ୟରୁ କେଉଁଟି ଜୀବର ଲକ୍ଷଣ ନୁହେଁ ?
(A) ଛୋଟରୁ ବଡ଼ ହେବା (B) ବଂଶ ବୃଦ୍ଧି କରିବା (C) ଚଳପ୍ରଚଳ କରିବା (D) ଶ୍ୱାସକ୍ରିୟା ନ କରିବା

୧୮. କେଉଁଟି ଉଦ୍ଭିଦର ଅଙ୍ଗ ନୁହେଁ ?
(A) ଶିଙ୍ଗ (B) ପତ୍ର (C) ଚେର (D) କାଣ୍ଡ

୧୯. ଅଲଗା ଶବ୍ଦଟି ବାଛ ।
(A) ଦୁଧ (B) ଚିନି (C) ଘିଅ (D) ପନିର

୨୦. ପତ୍ର ମାଧ୍ୟମରେ ଉଦ୍ଭିଦକୁ ତା'ର ଖାଦ୍ୟ ପ୍ରସ୍ତୁତି ପାଇଁ କିଏ କିଏ ସହଯୋଗ କରନ୍ତି ?
(A) ଫୁଲ ଓ ଫଳ (B) ଚେର ଓ କାଣ୍ଡ (C) ସୂର୍ଯ୍ୟାଲୋକ ଓ ଅଙ୍ଗାରକାମ୍ଳ (D) ବାଲି ଓ ଗୋଡ଼ି

୨୧. 

ନାମାଙ୍କିତ ଏହି ଚିତ୍ରରୁ A ଓ C କ'ଣ ଚିହ୍ନାଇ ଦେଉଛି ?
(A) ପତ୍ର ଓ ଫୁଲ (B) ପତ୍ର ଓ ଫଳ (C) ପତ୍ର ଓ କାଣ୍ଡ (D) ପତ୍ର ଓ ଚେର

୨୨. ଆକାର ଦୃଷ୍ଟିରୁ କେଉଁ ମଞ୍ଜି ଅଲଗା ?
(A) ମଟର ଛୁଇଁ (B) ଭେଣ୍ଡି (C) କଲରା (D) ଅମୃତଭଣ୍ଡା

୨୩. ଖାଦ୍ୟଗ୍ରହଣ ଦୃଷ୍ଟିରୁ ଅଲଗା ବାଛ ।
(A) ବିଲେଇ (B) ଭାଲୁ (C) କୁକୁର (D) ବାଘ

୨୪. ମୋ ଭିତରେ ଧୂଳିମଳି ପଶିଲେ ମୁଁ ଗଳ ଭାବରେ ବାହାରି ଆସେ ମୁଁ କିଏ ?
(A) କାନ (B) ନାକ (C) ଆଖି (D) ଜିଭ

୨୫. 

ଏମାନଙ୍କ ମଧ୍ୟରୁ କିଏ ଫୁସଫୁସ ଚିହ୍ନାଅ ।
(A) X (B) Y (C) W (D) Z

୨୬. ରଙ୍ଗ ଦୃଷ୍ଟିରୁ ଅଲଗାଟି ବାଛ ।
(A) ଜହ୍ନି (B) ପାଚିଲା କଦଳୀ (C) ଭେଣ୍ଡି (D) ଲାଉ

୨୭. ବସ୍ତୁର ଗୁଣ ଦୃଷ୍ଟିରୁ ଅଲଗାଟି ବାଛ ।
(A) ଚାଉଳ (B) ଡାଲି (C) ତୁଳା (D) ଗହମ

୨୮. ତରଳ ଝାଡ଼ା ହେଲେ ଅଧିକ ପାଣି ପିଇବାକୁ ଦିଆଯାଏ କାହିଁକି ?
(A) ଓଜନ କମିଯିବ ବୋଲି (B) ଦେହରୁ ଜଳୀୟ ଅଂଶ କମି ନ ଯିବା ପାଇଁ
(C) ଅଧିକ ପରିଶ୍ରା ହେବା ପାଇଁ (D) ଖାଦ୍ୟ ହଜମ ପାଇଁ

https://ssvmkalamachhuin.in/

୨୯. ଜଳ ସଂରକ୍ଷଣର ସଚେତନତା ପାଇଁ ଉପଯୁକ୍ତ ଉତ୍ତରଟି ବାଛ ।

(A) ପାଣିକଳକୁ ଖୋଲା ରଖିବା

(B) ଦରକାର ଅନୁଯାୟୀ ବ୍ୟବହାର କରିବା

(C) ମନଇଚ୍ଛା ଜଳ ବ୍ୟବହାର କରିବା

(D) ନିତ୍ୟକର୍ମ ପାଇଁ ପ୍ରଚୁର ପାଣି ବ୍ୟବହାର କରିବା ।

୩୦. କୂଅ ଜଳ ଦୂଷିତ ହେବାର କାରଣ

(A) କୂଅ ପାଖରେ ନାଳ ନର୍ଦ୍ଦମା ଥିଲେ

(B) କୂଅ ଚାରିପଟେ ଚାନ୍ଦିନୀ ଥିଲେ

(C) କୂଅରେ ମଟର ଲଗାଇଲେ

(D) କୂଅରେ ନଳକୂପ ଲଗାଇଲେ ।

## ପ୍ରତ୍ୟୁତ୍ପନ୍ନମତିତ୍ୱ — ତୃତୀୟ — ପୂର୍ଣ୍ଣାଙ୍କ - ୩୦

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରପତ୍ର (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲପଏଣ୍ଟ କଲମରେ ନୀଳ / କଳା କର ।** $2 \times 15 = 30$

୩୧. ପରବର୍ତ୍ତୀ ଚିତ୍ରଟି ବାଛ ।

ସମସ୍ୟା ଚିତ୍ର




ଉତ୍ତର ଚିତ୍ର



(A) (B) (C) (D)

୩୨. ଉତ୍ତର ଚିତ୍ରରୁ ସମାନ ଚିତ୍ରଟି ବାଛ ।

ସମସ୍ୟା ଚିତ୍ର



ଉତ୍ତର ଚିତ୍ର



(A) (B) (C) (D)

୩୩. ଅଲଗା ଚିତ୍ରଟିକୁ ବାଛ ।



(A) (B) (C) (D)

ରଫ୍

https://ssvmkalamachhuin.in/

ରଫ୍

୩୪. ପରବର୍ତ୍ତୀ ଚିତ୍ରଟି କିଏ ?

ସମସ୍ୟା ଚିତ୍ର



ଉତ୍ତର ଚିତ୍ର



(A) (B) (C) (D)

୩୫. ଉତ୍ତର ଚିତ୍ରରୁ ଠିକ୍ ଉତ୍ତରଟି ବାଛ ।

ସମସ୍ୟା ଚିତ୍ର



ଉତ୍ତର ଚିତ୍ର



(A) (B) (C) (D)

୩୬. ସମ୍ପର୍କିତ ଶବ୍ଦଟିକୁ ବାଛ ।

ସ୍ୱଭାବ କବି : ଗଙ୍ଗାଧର ମେହେର :: ପଲ୍ଲୀକବି : ______

(A) ଭୀମଭୋଇ (B) ନନ୍ଦ କିଶୋର ବଳ

(C) ଲକ୍ଷ୍ମୀକାନ୍ତ ରଥ (D) ଯଦୁମଣି ଦାସ

୩୭. ଶୂନ୍ୟସ୍ଥାନ ପୂରଣ କର ।

225, 196, 169, ______

(A) 121 (B) 136 (C) 144 (D) 142

୩୮. ଭିନ୍ନ ଶବ୍ଦଟି ବାଛ ।

(A) କାକୁଡ଼ି ଗଛ (B) ଜହ୍ନି ଗଛ

(C) କଲରା ଗଛ (D) ଆମ୍ବ ଗଛ

୩୯. ଅଲଗାଟିକୁ ବାଛ ।

(A) ନୂଆଖାଇ (B) ଶୀତଳଷଷ୍ଠୀ

(C) ଭାଇଜିଉନ୍ତିଆ (D) ରଜପର୍ବ

୪୦. ଯଦି Z = 1 ହୁଏ, BOY = 39 ତେବେ TOY =?

(A) ୧୭ (B) ୧୯ (C) ୨୧ (D) ୨୩

ରଫ୍

୪୧. ଠିକ୍ ଉତ୍ତର ବାଛ ।

| | | |
|---|---|---|
| 13 | 8 | 3 |
| 28 | 23 | 18 |
| 94 | ? | 84 |

(A) 78 (B) 19 (C) 15 (D) 89

୪୨. ଭିନ୍ନ ସଂଖ୍ୟାଟି ବାଛ ।

(A) 25 (B) 15 (C) 36 (D) 49

୪୩. ଯଦି d ଅର୍ଥ ÷, c ଅର୍ଥ −, m ଅର୍ଥ ×, a ଅର୍ଥ + ହୁଏ ତେବେ 28d7m4a5c7=?

(A) 4 (B) 24 (C) 14 (D) 20

୪୪. ଦତ୍ତ ଚିତ୍ରରେ କେତୋଟି ତ୍ରିଭୁଜ ଅଛି ?



(A) ୯ଟି (B) ୮ଟି (C) ୫ଟି (D) ୧୦ଟି

୪୫. ନିମ୍ନଲିଖିତ ଶବ୍ଦଟିର ଦର୍ପଣରେ ପ୍ରତିଛବି କିପରି ହେବ ?

FAVOUR

(A) RUOVAF (B) RUOAAF

(C) ЯU OVAꟻ (D) ꓤՈOɅⱯℲ

## ସାଧାରଣଜ୍ଞାନ — ତୃତୀୟ — ପୂର୍ଣ୍ଣାଙ୍କ - ୧୦

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରଫର୍ଦ୍ଦ (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲ୍‌ପଏଣ୍ଟ କଲମରେ ନୀଳ / କଳା କର ।** ୨ x ୫ = ୧୦

୪୬. ଏମାନଙ୍କ ମଧ୍ୟରୁ କେଉଁଟି ଫୁଲ ଅଟେ ?

(A) ଗୋଲମରିଚ (B) ଗୁଜରାତି (C) ଲବଙ୍ଗ (D) ଜୀରା

୪୭. ବର୍ତ୍ତମାନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି କିଏ ?

(A) ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ (B) ଜଷ୍ଟିସ୍ ଏସ୍. ମୁରଲୀଧର

(C) ଜଷ୍ଟିସ୍ ବିନୀତ ଶରଣ (D) ଜଷ୍ଟିସ୍ ବୀରକିଶୋର ରାୟ

୪୮. ଠିକ୍‌ଟିକୁ ବାଛ ।

ଅଯୋଧ୍ୟାରେ ଶ୍ରୀରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା କେତେ ତାରିଖରେ ହୋଇଥିଲା ?

(A) ଜୁନ୍ ୨୨ (B) ଜାନୁଆରୀ ୨୨ (C) ଜାନୁଆରୀ ୧୭ (D) ଫେବୃଆରୀ ୨୨

୪୯. ଶୁକ୍ର ଗ୍ରହ କେଉଁ ଅନ୍ୟ ନାମରେ ପରିଚିତ ?

(A) ନୀଳ ଗ୍ରହ (B) କୁଆଁତାରା (C) ବଳୟ ଗ୍ରହ (D) ଲାଲ ଗ୍ରହ

୫୦. ପ୍ରସିଦ୍ଧ ଧନୁଯାତ୍ରା କେଉଁ ମାସରେ ଅନୁଷ୍ଠିତ ହୁଏ ?

(A) ଭାଦ୍ରବ (B) କାର୍ତ୍ତିକ (C) ପୌଷ (D) ଫଗୁଣ

https://ssvmkalamachhuin.in/

## ରଫ୍

https://ssvmkalamachhuin.in/